# ସତ୍ୟବାଣୀ

## THE VOICE OF TRUTH

Mar & April, 1999

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

**CHURCH OF CHRIST**
**P.O. Box No. 80, KAKINADA,**
**A.P. - 533 001**
**Ph. 0884 - 63722**

**Vol. 4 Mar & April , 1999 No. 2**

Published every two months in Ori
Language for the Restoration of pu
New Testament Christianity

**FREE! FREE!! FRE**

Study the Bible in the quiet of your own home. En
yourself in the **BASIC BIBLE COURSE** in Or
language. Complete the course and obtain a copy
Oriya Holy Bible obsolutely free! Send your addre
today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟ ବାଣୀ

# VOICE OF TRUTH

VOL.-2 KAKINADA MARCH-APRIL—1999

## ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ

## ( The Resurrection of Christ )

ମନୁଷ୍ୟର ପରିତ୍ରାଣ, ମଣ୍ଡଳୀ ଓ ଖ୍ରୀଷ୍ଟଧର୍ମ ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ସତ୍ୟତା ଉପରେ ପ୍ରତିଷ୍ଠିତ ହୋଇଅଛି । ଯଦିଓ ଇତିହାସର ଏହି ମହାନ ସତ୍ୟତାକୁ ଖ୍ରୀଷ୍ଟଙ୍କ ନିନ୍ଦକମାନେ ଗ୍ରହଣ କରନ୍ତି ନାହିଁ, ତାହାଙ୍କ ପୁନଃରୁତ୍ଥାନର ସତ୍ୟତା ପ୍ରମାଣ କରିବା ନିମନ୍ତେ ଅନେକ ପ୍ରମାଣ ଆମ୍ଭେମାନେ ଉପସ୍ଥାପନ କରିପାରୁ ।

ମନ୍ଦିର ପ୍ରାଙ୍ଗଣରେ ବ୍ୟବସାୟୀମାନଙ୍କୁ ମନ୍ଦିରରୁ ବାହାରକୁ ବାହାର କରିବା ପରେ ଯିହୁଦୀମାନେ ଯୀଶୁଙ୍କୁ କେଉଁ ଅଧିକାରେ ଏହି ସବୁ କାର୍ଯ୍ୟ କରୁ ଅଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଏହି ମନ୍ଦିରକୁ ବିନାଶ କର, ଆଉ ତିନଦିନ ମଧ୍ୟରେ ମୁଁ ତାହା ତୋଳି ଦେବି । ସେଥିରେ ଯିହୁଦୀମାନେ କହିଲେ, ଏହି ମନ୍ଦିର ନିର୍ମାଣ କରିବା ନିମନ୍ତେ ଛୟାଳିଶ ବର୍ଷ ଲାଗି-ଅଛି । ଆଉ ତୁମ୍ଭେ କଅଣ ତାହାକୁ ତିନ ଦିନରେ ତୋଳି ଦେବ ? କିନ୍ତୁ ସେ ଆପଣା ଶରୀର ରୂପ ମନ୍ଦିର ସମ୍ବନ୍ଧରେ କହୁଥିଲେ । ଏଣୁ ସେ ମୃତମାନଙ୍କ ମଧ୍ୟରୁ ଉତ୍ଥାପିତ ହେଲା ଉତ୍ତାରେ ତାହାଙ୍କ ଶିଷ୍ୟ-ମାନେ ସେ ଏହା କହିଥିଲେ ବୋଲି ସ୍ମରଣ କଲେ, ପୁଣି ସେମାନେ ଧର୍ମଶାସ୍ତ୍ର ଓ ଯୀଶୁଙ୍କ କଥିତ ବାକ୍ୟ ବିଶ୍ୱାସ କଲେ । (ଯୋହନ ୨ : ୧୯-୨୨ ) ।

ଲାଜାରଙ୍କ ମୃତ୍ୟୁର ଚାରିଦିନ ପରେ ଯୀଶୁ ମାର୍ଥା ଓ ମରିୟମ ନିକଟକୁ ଯିବାରୁ ମାର୍ଥା ଯୀଶୁଙ୍କୁ କହିଲେ, ସେ ଯଦି ସେଠାରେ ଉପସ୍ଥିତ ଥାଆନ୍ତେ ତାହାଙ୍କ ଭ୍ରାତା ମୃତ୍ୟୁ ଭୋଗି ନ ଥାଆନ୍ତେ । ତାହାଙ୍କୁ ଉତ୍ତର ଦେଇ ଯୀଶୁ କହିଲେ 'ମୁଁ ପୁନଃରୁତ୍ଥାନ ଓ ଜୀବନ, ଯେ ମୋ'ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ ପୁଣି ଯେ କେହି ବଞ୍ଚେ ଓ ମୋ ଠାରେ ବିଶ୍ୱାସ କରେ ସେ କଦାପି କେବେ ହେଁ ମରିବ ନାହିଁ । ଏହା କଅଣ ବିଶ୍ୱାସ କରୁଅଛ ? ( ଯୋହନ ୧୧ : ୨୫,୨୬ ) । ଏଥି ଉତ୍ତରେ ପ୍ରଭୁଯୀଶୁ ସମାଧି ନିକଟକୁ ଯାଇ ମୃତ ଲାଜାରକୁ ଜୀବିତ କରିଥିଲେ ।

ମାଥିଉ, ମାର୍କ, ଲୂକ ଓ ଯୋହନଙ୍କ ଲିଖିତ ସୁସମାଚାର ପୁସ୍ତକଗୁଡ଼ିକର ଶେଷ ଅଧ୍ୟାୟଗୁଡ଼ିକରେ ଯୀଶୁଖ୍ରୀଷ୍ଟଙ୍କ ମରଣ ସମାଧି ଓ ପୁନଃରୁତ୍ଥାନର ବିବରଣ ପଢିପାରୁ । ଏହି ବିଷାଦ ପୂର୍ଣ୍ଣ ଇତିହାସ ନିର୍ଦ୍ଦୋଷ ଈଶ୍ୱରଙ୍କ ଦ୍ୱିତୀୟ ପୁତ୍ରଙ୍କୁ କିପରି ତାହାଙ୍କ ଶତ୍ରୁମାନେ ଯିହୁଦା ଦ୍ୱାରା ତାରିତ କରି କ୍ରୁଶାର୍ପିତ କରିଥିଲେ ବର୍ଣ୍ଣନା କରା-ଯାଏ । ଦରମାଥିଆ ଯୋଷେଫଙ୍କ ସମାଧିରେ ସମାଧି ପ୍ରାପ୍ତ ହୋଇ ଯୀଶୁଙ୍କ କାହାଣୀର ଅନ୍ତ ହୋଇଅଛି ବୋଲି ତାହାଙ୍କ ନିନ୍ଦକମାନେ ହର୍ଷଗାନ କଲେ । କିନ୍ତୁ ତାହାଙ୍କ ପ୍ରତିଜ୍ଞାନୁଯାୟୀ ଯୀଶୁଖ୍ରୀଷ୍ଟ ତୃତୀୟ ଦିନରେ ମୃତ୍ୟୁରୁ ପୁନଃରୁତ୍ଥିତ ହୋଇଥିଲେ । ବାକ୍ୟ କହେ 'ବିଶ୍ରାମ ବାର ଶେଷ ହେଲା ଉତ୍ତାରେ ସପ୍ତାହର ପ୍ରଥମ ଦିବସର ପ୍ରତ୍ୟୁଷରେ ମଗ୍‌ଦଲୀନୀ ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଆସିଲେ ଆଉ ଦେଖ, ମହା ଭୂମିକମ୍ପ ହେଲା, କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସେହି ପଥର ଖଣ୍ଡିକ ଗଡ଼ାଇ ଦେଇ ତାହା ଉପରେ ବସିଲେ । ତାହାଙ୍କ ରୂପ ବିଜୁଳି ପରି ଓ ତାଙ୍କର ବସ୍ତ୍ର ହିମପରି ଶୁଭ୍ରବର୍ଣ୍ଣ ଥିଲା । ପୁଣି ତାଙ୍କ ଭୟରେ ପ୍ରହରୀମାନେ ମୃତକଳ୍ପ ହେଲେ । କିନ୍ତୁ ଦୂତ ସ୍ତ୍ରୀଲୋକମାନଙ୍କୁ ଉତ୍ତର ଦେଲେ ତୁମ୍ଭେମାନେ ଭୟ କର ନାହିଁ । କାରଣ ତୁମ୍ଭେମାନେ ଯେ କ୍ରୁଶରେ ହତ ଯୀଶୁଙ୍କର ଅନ୍ୱେଷଣ କରୁଅଛ, ତାହା ମୁଁ ଜାଣେ । ସେ ଏଠାରେ ନାହାନ୍ତି, କାରଣ ସେ ଯେପରି କହିଥିଲେ । ସେହିପରି

ଉଠି ଅଛନ୍ତି । ଆସ, ସେ ଯେଉଁଠାରେ ଶୋଇଥିଲେ, ସେହି ସ୍ଥାନ ଦେଖ । ଆଉ ତୁମ୍ଭେମାନେ ଶୀଘ୍ର ଯାଇ ତାହାଙ୍କ ଶିଷ୍ୟମାନଙ୍କୁ କୁହ ସେ ମୃତମାନଙ୍କ ମଧ୍ୟରୁ ଉଠି ଅଛନ୍ତି, ପୁଣି ଦେଖ, ସେ ତୁମ୍ଭମାନଙ୍କ ଆଗେ ଗାଲିଲୀକୁ ଯାଉ ଅଛନ୍ତି, ସେଠାରେ ତୁମ୍ଭେମାନେ ତାହାଙ୍କର ଦର୍ଶନ ପାଇବ, ଦେଖ, ମୁଁ ତୁମ୍ଭମାନଙ୍କୁ କହିଲି । ( ମାଥିଉ ୨୮ : ୧-୭ ) ।

ଯୀଶୁଖ୍ରୀଷ୍ଟଙ୍କ ସମାଧିପରେ ପ୍ରଧାନ ଯାଜକ ଓ ଫାରୁଶୀମାନେ ପୀଲାତ ନିକଟକୁ ଯାଇ କହିଲେ, 'ମହାଶୟ, ଆମ୍ଭମାନଙ୍କର ମନେ ପଡ଼ୁଅଛି, ସେହି ପ୍ରବଞ୍ଚକ ଜୀବିତ ଥିବା ସମୟରେ କହିଥିଲା । ତିନି ଦିନ ଉତ୍ତାରେ ମୁଁ ଉଠିବି । ଅତଏବ ତୃତୀୟ ଦିବସ ପର୍ଯ୍ୟନ୍ତ ସମାଧି ସୁରକ୍ଷିତ ହେବା ନିମନ୍ତେ ଆଜ୍ଞା କରନ୍ତୁ ନୋହିଲେ, କେ ଜାଣି ତାହାର ଶିଷ୍ୟମାନେ ଆସି ତାହାକୁ ଚୋରି କରି ଲୋକଙ୍କୁ କହିବେ, ସେ ମୃତମାନଙ୍କ ମଧ୍ୟରୁ ଉଠି ଅଛନ୍ତି, ତାହା ହେଲେ ପ୍ରଥମ ପ୍ରବଞ୍ଚନା ଅପେକ୍ଷା ଶେଷ ପ୍ରବଞ୍ଚନା ଅଧିକ ମନ୍ଦ ହେବ । ପୀଲାତ ସେମାନଙ୍କ ଅନୁରୋଧ ଅନୁଯାୟୀ ପ୍ରହରୀ ଦଳ ଦ୍ୱାରା ସମାଧି ସୁରକ୍ଷିତ କଲେ । କିନ୍ତୁ ବିଶ୍ରାମବାର ଗତ ହେବା ପରେ ସପ୍ତାହର ପ୍ରଥମ ଦିବସରେ ମହା ଭୂମିକମ୍ପ ହେଲା, କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସେହି ପଥର ଖଣ୍ଡିକ ଗଡ଼ାଇ ଦେଇ ତହା ଉପରେ ବସିଲା......ପୁଣି ତାଙ୍କ ଭୟରେ ପ୍ରହରୀମାନେ କମ୍ପମାନ ହୋଇ ମୃତବତ ହେଲେ । ( ମାଥିଉ ୨୮ : ୨-୪ ) । ପ୍ରହରୀମାନେ ଆପଣା ସ୍ୱଜ୍ଞା ପାଇବା ପରେ ଘଟିଥିବା ଘଟଣାଗୁଡ଼ିକ ପ୍ରଧାନଯାଜକଙ୍କୁ ଜଣାଇଲେ । ସେମାନେ ଶୋଇ ପଡ଼ିଥିବା ସମୟରେ ଯୀଶୁଙ୍କ ଶିଷ୍ୟ-ମାନେ ତାହାଙ୍କ ଶରୀର ଚୋରାଇ ନେଇ ଗଲେ ବୋଲି ମିଥ୍ୟାପ୍ରଚାର କରିବା ନିମନ୍ତେ ସେମାନେ ବହୁତ ଟଙ୍କା ପାଇଲେ । ଏହି ବିଷୟ ଯଦି ଶାସନକର୍ତ୍ତାଙ୍କ କର୍ଣ୍ଣ ଗୋଚର ହୁଏ, ସେମାନେ ପ୍ରହରୀମାନଙ୍କୁ ସପକ୍ଷ କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ପ୍ରହରୀମାନଙ୍କ ଏହି ପ୍ରଚାର କେତେ ଅବଶ୍ୟମ୍ଭାବୀ ! ରୋମୀୟ ପ୍ରହରୀ ଭୁଲାଇ ଆପଣା କର୍ତ୍ତବ୍ୟ ଅବହେଳା କଲେ ସେ କି ଜୀବିତ ରହି ପାରିବ ? ବନ୍ଦୀ ପଳାୟନ କଲେ ପ୍ରହରୀ ସୈନ୍ୟକୁ ତାହାର ବଦଳେ ଆପଣା ପ୍ରାଣ ଦେବା ରୋମୀୟ ନିୟମ ଏକ ସୁପରିଚିତ ନିୟମ ଯୀଶୁ ଖ୍ରୀଷ୍ଟଙ୍କ ପୁନଃଉତ୍ଥାନର ସତ୍ୟତା ପ୍ରଧାନ ଯାଜକଙ୍କୁ ବ୍ୟତିବ୍ୟସ୍ତ କରିଥିଲା ଏବଂ ସେ ଓ ଅନ୍ୟ ଫାରୂଶୀମାନେ ପ୍ରହରୀ ଦଳକୁ ଲାଞ୍ଚ ଦେଇ ମିଥ୍ୟା ପ୍ରଚାର କରିବା ପାଇଁ ଆଦେଶ ଦେଇ ଥିଲେ । ଯେ ଯାହା ପ୍ରଚାର କଲେ ମଧ୍ୟ, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ମୃତ୍ୟୁ ଜୟ କରି ପୁନର୍ଜୀବିତ ହେଲେ ଏବଂ ନିଜେ ଜୀବିତ ଅଛନ୍ତି ।

ପ୍ରଭୁଯୀଶୁ ପୁନଃରୁତ୍ଥିତ ହେବା ପରେ ଚାଳିଶି ଦିନ ପର୍ଯ୍ୟନ୍ତ ପ୍ରେରିତମାନଙ୍କୁ ଓ ଅନ୍ୟ ଶିଷ୍ୟମାନଙ୍କୁ ଦର୍ଶନ ଦେଲେ । ତାହାଙ୍କ ପୁନଃରୁତ୍ଥାନ ପରେ ସମାଧି ନିକଟକୁ ଆସି ସ୍ତ୍ରୀମାନଙ୍କୁ ଇମ୍ମାୟୁ ଗ୍ରାମକୁ ଯାତ୍ରୀ ଦୁଇ ପୁରୁଷମାନଙ୍କୁ ଓ ଅନ୍ୟ ଶିଷ୍ୟମାନଙ୍କୁ ସେ ଦର୍ଶନ ଦେଇ ଥିଲେ । ପାଉଲ କହନ୍ତି ସେ କେଫାଙ୍କୁ ଆଉ ତାହାପରେ ଦ୍ୱାଦଶଙ୍କୁ ଦର୍ଶନ ଦେଲେ । ଏ ଉତ୍ତାରେ ଏକାଥରେ ପାଞ୍ଚଶହ ଠାରୁ ଅଧିକ ଭାଇମାନଙ୍କୁ ଦର୍ଶନ ଦେଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଜି ପର୍ଯ୍ୟନ୍ତ ଜୀବିତ ଅଛନ୍ତି, କିନ୍ତୁ କେହି କେହି ମହାନିଦ୍ରା ପ୍ରାପ୍ତ ହୋଇ ଅଛନ୍ତି । ତତ୍ପରେ ସେ ଯାକୁବଙ୍କୁ ଆଉ ପରେ ସମସ୍ତ ପ୍ରେରିତଙ୍କୁ ଦର୍ଶନ କଲେ । ଅବଶେଷରେ ଅକାଳଜାତ ପରି ଜଣେ ଯେ ମୁଁ, ସେ ମୋତେ ମଧ୍ୟ ଦର୍ଶନ ଦେଲେ । ( ୧ମ କରନ୍ଥୀ ୧୫ : ୫-୮ ) ।

ସ୍ୱର୍ଗାରୋହଣ ପୂର୍ବରୁ ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କୁ ଊର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତହେବା ପର୍ଯ୍ୟନ୍ତ ଯିରୂଶାଲମରେ ଅପେକ୍ଷା କରି ଶକ୍ତି ପ୍ରାପ୍ତ ହେବା ପରେ ତାହାଙ୍କ ମୃତ୍ୟୁ ସମାଧି ଓ ପୁନଃରୁତ୍ଥାନ ଯିହୁଦା, ଶମିରୋଣ ଓ ସର୍ବ ଜଗତରେ ପ୍ରଚାର କରିବା ନିମନ୍ତେ ଆଜ୍ଞା ଦେଲେ । (ଲୂକ ୨୪ : ୪୯; ପ୍ରେରିତ ୧ : ୮, ମାର୍କ ୧୬ : ୧୫,୧୬)

ଊର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତ ହେବା ନିମନ୍ତେ ଅପେକ୍ଷାରେ ଥିବା ସମୟରେ ପ୍ରେରିତମାନେ ପ୍ରେରିତ ପଦଚ୍ୟୁତ ଯିହୂଦାଙ୍କ ସ୍ଥାନପୂରଣ କରିବା ନିମନ୍ତେ ବର୍ଶବ୍ବା ଓ ମଥିୟଙ୍କ ନାମରେ ଗୁଳିବାଣ୍ଠ କଲେ ।

ଏଠାରେ ପ୍ରେରିତମାନଙ୍କ ଯୋଗ୍ୟତା ବିଷୟରେ କୁହାଯାଇ ଅଛି । ଯୋହନଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟ ବାପ୍ତିଜିତ ହେବା ସମୟଠାରୁ ପିତାଙ୍କ ନିକଟକୁ ଊର୍ଦ୍ଧ୍ୱକୁ ଗୃହୀତ ହେବା ପର୍ଯ୍ୟନ୍ତ ଯେଉଁମାନେ ତାହାଙ୍କ ସହିତ ଗମନାଗମନ କରୁଥିଲେ ସେମାନେ ହିଁ ପ୍ରେରିତ ପଦର ଯୋଗ୍ୟ ବୋଲି ପ୍ରେରିତ ୧ : ୨୧ ଓ ୨୨ ପଦରୁ ପଢ଼ିପାରୁ । ଗୁଳିବାଣ୍ଟ ଦ୍ୱାରା ମଥିୟ ଦ୍ୱାଦଶ ପ୍ରେରିତ ସହିତ ଗଣିତ ହେଲେ । ପେଣ୍ଟିକଷ୍ଟ ଦିନରେ ଦ୍ୱାଦଶ ପ୍ରେରିତ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ, ଈଶ୍ୱର ପ୍ରଭୁଯୀଶୁଙ୍କୁ ମୃତମାନଙ୍କ ଠାରୁ ଉତ୍ଥିତ କରିଅଛନ୍ତି ବୋଲି ପ୍ରଚାର କରିବା ଆରମ୍ଭ କଲେ । ସେମାନଙ୍କ ପ୍ରଚାରିତ ସୁସମାଚାର ଫଳେ ସେ ଦିନ ୩୦୦୦ ଲୋକ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ କରାଗଲେ । ( ପ୍ରେରିତ ୨ : ୩୭-୪୭ ) ।

ସବୁଠାରୁ ବଳିଷ୍ଠ ସାକ୍ଷ୍ୟ ତାର୍ଷିନଗରସ୍ଥ ପାଉଲଙ୍କର । ପାଉଲ ଯେ କି ଶାଉଲ ରୂପେ ପରିଚିତ ଥିଲେ ମଣ୍ଡଳୀ ଓ ଖ୍ରୀଷ୍ଟିୟାନମାନଙ୍କୁ ଅତିଶୟ ତାଡ଼ନା କରୁଥିଲେ । ଖ୍ରୀଷ୍ଟିୟାନମାନଙ୍କୁ ବାନ୍ଧି ଯିରୁଶାଲମକୁ ଆଣିବା ନିମନ୍ତେ ସମାଜ ଗୃହରୁ ଅଧିକାର ପ୍ରାପ୍ତ ହୋଇ ସେ ଦମ୍ମେଶକକୁ ଯାଉଥିବା ସମୟରେ ପ୍ରଭୁଯୀଶୁ ତାହାଙ୍କୁ ଦର୍ଶନ ଦେଇ କହିଲେ ' -ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ ? ସେ କହିଲେ, ହେ ପ୍ରଭୁ ଆପଣ କିଏ ? ଆଉ ସେ କହିଲେ, ଯାହାକୁ ତୁମ୍ଭେ ତାଡ଼ନା କରୁଅଛ ? ଆମ୍ଭେ ସେହି ଯୀଶୁ କିନ୍ତୁ ଉଠ, ନଗରରେ ପ୍ରବେଶ କର ଆଉ ତୁମ୍ଭକୁ କଅଣ କରିବାକୁ ହେବ କୁହାଯିବ । ( ପ୍ରେରିତ ୯ : ୪-୬ ) ପରିବର୍ତ୍ତିତ ଶାଉଲ ଭୂମିରୁ ଉଠି ନଗରରେ ପ୍ରବେଶ କଲେ ଓ ତିନିଦିନ ପର୍ଯ୍ୟନ୍ତ ଦୃଷ୍ଟି ହୀନ ହୋଇ କିଛି ଖାଇଲେ ନାହିଁ ପିଇଲେ ନାହିଁ । ଯୀଶୁଖ୍ରୀଷ୍ଟଙ୍କ ନିର୍ଦ୍ଦେଶାନୁଯାୟୀ ହନନିୟ ତାହାଙ୍କ ନିକଟକୁ ଆସି କହିଲେ, ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ । ( ପ୍ରେରିତ ୨୨ : ୧୬ ) ତାଡ଼ନାକାରୀ ଶାଉଲ, ଖ୍ରୀଷ୍ଟଙ୍କ ଅନୁଚର ପାଉଲ ରୂପେ ପରିବର୍ତ୍ତିତ ହୋଇ ଏକ ମହାନ୍ ସୁସମାଚାର ପ୍ରଚାରକରୂପେ ପରିଗଣିତ ହେଲେ ଏବଂ ତାହାଙ୍କ ନାମ ନିମନ୍ତେ ହତ ସାକ୍ଷୀ ହୋଇଥିଲେ ।

ପାଉଲଙ୍କ ଜୀବନରେ ଏହି ପରିବର୍ତ୍ତନର କାରଣ କଅଣ ? ଯିହୁଦୀ ଧର୍ମର ସପକ୍ଷରେ ସେ ଅଜ୍ଞାନତାରେ ମଣ୍ଡଳୀକୁ ତାଡ଼ନା କରିଥିଲେ । କିନ୍ତୁ ପୁନଃରୁତ୍ଥିତ ଯୀଶୁଖ୍ରୀଷ୍ଟ ଦର୍ଶନ ପରେ ସେ ପ୍ରଧାନ ଯାଜକମାନଙ୍କ କୁମନ୍ତ୍ରଣା ଜ୍ଞାତ ହୋଇ ପ୍ରେରିତମାନଙ୍କ ପ୍ରଚାରର ସତ୍ୟତା ବୁଝିପାରିଥିଲେ । ଶାଉଲ ଆପଣା ଭ୍ରାନ୍ତ ମନୋଭାବରୁ ମନପରିବର୍ତ୍ତିତ କରି ତାହାଙ୍କ ବାକି ଜୀବନ ପୁନଃରୁତ୍ଥିତ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କଲେ । ତଦ୍ଵାରା ସେ ଆପଣାକୁ ସ୍ଵଜନ ଇହୁଦୀମାନଙ୍କ ଠାରୁ ପ୍ରାପ୍ତ ଗୌରବ ସମ୍ମାନ ବଞ୍ଚିତ କଲେ । ଯଦି ସେ ଖ୍ରୀଷ୍ଟଙ୍କ ପୁନଃରୁ-ଥାନ ବିଶ୍ଵାସ କରି ନଥାନ୍ତେ ତାହାଙ୍କ ଏହି ପରିବର୍ତ୍ତନ କି ସମ୍ଭବ ହୋଇ ଥାଆନ୍ତା ?

୧ମ କରିନ୍ଥୀ ୧୫ : ୧-୪ ପଦାନୁଯାୟୀ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ଉଥାନ ହିଁ ସୁସମାଚାର ଅଟେ । ତାହାଙ୍କ ମୃତ୍ୟୁ ସମାଧି ଓ ପୁନରୁଥାନର ସାଦୃଶ୍ୟରେ ଜଳରେ ବାପ୍ତିଜିତ ହୋଇ ଜୀବନର ନୂତନଭାବେ ଆଚରଣ କରିବାକୁ ସମାଧି ରୁପ ଜଳରୁ ପୁନଃରୁତ୍ଥିତ ହେଉଁ । ( ରୋମୀୟ ୬ ପର୍ବ ଓ ୨ୟ କରନ୍ଥୀ ୫ · ୧୭ ପଦ ପଢ଼ନ୍ତୁ । ପ୍ରକୃତ ଖ୍ରୀଷ୍ଟିୟାନ ଭାବେ ସପ୍ତାହର ପ୍ରଥମ ଦିନରେ ଆରାଧନା ନିମନ୍ତେ ଏକତ୍ରିତ ହୋଇ ତାହାଙ୍କ ପ୍ରଭୁ ଭୋଜରେ ଭାଗୀ ହୋଇ ତାହାଙ୍କ ମୃତ୍ୟୁ ସମାଧି ଓ ଉଥାନ ସ୍ମରଣ କରୁ । ତାହାଙ୍କ ଶରୀରର ସାଦୃଶ୍ୟର ରୋଟୀ ଓ ରକ୍ତର ସାଦୃଶ୍ୟରେ ଦ୍ରାକ୍ଷାରସ ପାନ କରି, ତାହାଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁ ।

ଶେଷରେ ତାହାଙ୍କ ପୁନଃରୁଥାନ ଦ୍ଵାରା ଆମ୍ଭମାନଙ୍କ ପୁନଃରୁଥାନ ଭରସା ପ୍ରାପ୍ତ ହୋଇଅଛୁ । ଏଥିରେ ଚମତ୍କୃତ ହୁଅନାହିଁ କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ଵର ଶୁଣିବେ ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି । ସେମାନେ ଜୀବନର ପୁନଃ-ରୁଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନଃରୁଥାନ ନିମନ୍ତେ ବାହାରି ହୋଇ ଆସିବେ, ଏପରି ସମୟ

୨୮ – ୨୯ ) ।

୧ମ କରନ୍ଥୀ ୧୫ ଅଧ୍ୟାୟରେ ଖ୍ରୀଷ୍ଟଙ୍କ ଆଗମନରେ ମନୁଷ୍ୟମାନେ ପୁନଃରୁତ୍ଥିତ ହୋଇ ଏକ ଅନନ୍ତ ଆତ୍ମିକ ଶରୀରପ୍ରାପ୍ତ ହେବେ ବୋଲି କୁହାଯାଏ । ତାହାଙ୍କ ଦ୍ୱାରା ଧାର୍ମିକ ରୂପେ ବିଚାରିତ ହେବା ପ୍ରତ୍ୟେକେ ତାହାଙ୍କ ସହିତ ଅନନ୍ତକାଳ ଯାଏ ବାସ କରିବେ ।

ଆପଣ କି ତାହାଂକ ପୁନଃରୁତ୍ଥାନରେ ବିଶ୍ୱାସ କରନ୍ତି ?

—J. C. Choate

## ବିଶ୍ୱସ୍ତ ତଥାପି ପଥଭ୍ରଷ୍ଟ

## ( Sincere But Lost )

ବାଇବଲର ଲିଖିତ ବାକ୍ୟଗୁଡ଼ିକରୁ ମାଥିଉ ୭ : ୨୧-୨୩ ପଦଗୁଡ଼ିକରେ ଲିଖିତ ବାକ୍ୟ ସବୁଠାରୁ ଦୁଃଖଦାୟକ, ଯାହା କହେ, ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥପିତାଙ୍କ ଇଚ୍ଛା ସାଧନକରେ, ସେ ପ୍ରବେଶ କରିବ । ସେଦିନ ଅନେକ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭ ନାମରେ ଭବବାଣୀ କହିଲୁ ନାହିଁ ? ପୁଣି, ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡାଇଲୁ ନାହିଁ ? ଆଉ ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ । ହେ ଅଧର୍ମାଚାରୀମାନେ ମୋ ପାଖରୁ ଦୂର ହୁଅ । ବିଶ୍ୱସ୍ତ ଭାବେ ଧର୍ମମତ ପାଳନ କରୁ କରୁ ବିନଷ୍ଟ ହେବା କେତେ ଦୁଃଖ ଜନକ ବିଷୟ । ଖ୍ରୀଷ୍ଟର ବଚନରେ ଅନେକ ବିଶ୍ୱସ୍ତମାନେ ମଧ୍ୟ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବେ ନାହିଁ ବୋଲି ଏହି ବାକ୍ୟରୁ ଜାଣିପାରୁ ।

ଏହି ବାକ୍ୟାଂଶରେ ପ୍ରଭୁଯୀଶୁ ବିଶ୍ୱସ୍ତ ଜୀବନଯାପନକାରୀମାନଙ୍କୁ ନିନ୍ଦା କରନ୍ତି ନାହିଁ କେବଳ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ ହିଁ ପରମେଶ୍ୱରଙ୍କ ତୁଷ୍ଟିଜନକ । ତେବେ ଏହିପରି ବିଶ୍ୱସ୍ତ ଲୋକମାନଙ୍କ ବିନଷ୍ଟ ହେବାର କାରଣ କଅଣ ? — ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି । ( ମାଥିଉ ୧୫ : ୯ ) ।

ଯୀଶୁଖ୍ରୀଷ୍ଟ ମନୁଷ୍ୟମାନଙ୍କ ଏକମାତ୍ର ତ୍ରାଣକର୍ତ୍ତା ଅଟନ୍ତି ( ଯୋହନ ୧୪ : ୬, ୧ମ ଯୋହନ ୫ : ୧୧, ୧୨ )' ତାହାଙ୍କ ସ୍ଥାପିତ ମଣ୍ଡଳୀ ହିଁ ପ୍ରକୃତ ମଣ୍ଡଳୀ ( ମାଥିଉ ୧୬ : ୧୮, ଏଫିସୀ ୪ : ୪, ୫ : ୨୩ ) । ନୂତନ ନିୟମର ନିୟମାବଳୀ ହିଁ ଆମ୍ଭମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ନିୟମାବଳୀ । ( ଏଥିରେ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଜୀବନୀ, ମଣ୍ଡଳୀର ସ୍ଥାପନ ଓ ପରିତ୍ରାଣର ଯୋଜନା ପଢ଼ିପାରୁ ।

ମନୁଷ୍ୟ ବିନଷ୍ଟ ହେବା ପରମେଶ୍ୱରଙ୍କ ଇଚ୍ଛା ନୁହେଁ । ତେଣୁ କରି ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କଲେ । ଆସ ତାହାଙ୍କ ବାକ୍ୟ ବିଶ୍ୱସ୍ତ ଭାବେ ପାଳନ କରେ ତାହାଙ୍କ ଅନୁଗ୍ରହ ସିଂହାସନ ନିକଟବର୍ତ୍ତୀ ହେଉ ।

**—Louis Rushmore**

## ଆଧୁନିକ ମନୁଷ୍ୟ କି ପରଭାଷା କହିପାରେ ?
## ( Can mcn Speak in Tongues Today ? )

ଅନେକ ପ୍ରକାର ଲୋକେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ପରଭାଷାରେ କଥା କହିପାରନ୍ତି ବୋଲି ଦାବୀ କରିଥାନ୍ତି । ଏହି ଶକ୍ତି ସେମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଦତ୍ତ ହୋଇଅଛି ବୋଲି ସେମାନଙ୍କ ବିଶ୍ୱାସ । ଏହି ବିଷୟରେ ବାଇବଲ ବାକ୍ୟ କଅଣ କହେ ? ..

ସର୍ବପ୍ରଥମେ, ପରଭାଷା ( Tongue )ର ଅର୍ଥ କଅଣ ? ଗ୍ରୀକ୍ ଭାଷାର **'GLOSSA'** ପଦକୁ ନୂତନ ନିୟମ ରେ **Tongue** ବା ପରଭାଷା ବୋଲି ଅନୁବାଦିତ କରାଯାଏ ଯାହାର ଅର୍ଥ କଥିତ ଭାଷା, ପରଭାଷା ଇତ୍ୟାଦି । ନୂତନ ନିୟମ ସମୟରେ ଉକ୍ତ ଶବ୍ଦ ପର-ଭାଷା ମନୁଷ୍ୟମାନଙ୍କ ଦ୍ୱାରା ଅବୁଝା ନଥିଲା । କିନ୍ତୁ କୌଣସି ଏକ ବର୍ଗ ବା ଜାତି, ଗୋଷ୍ଠୀର ଭାଷାଥିଲା ବୋଲି ବାଇବଲ ବାକ୍ୟ ସୁସ୍ପଷ୍ଟ କରେ । ଏହା ପ୍ରମାଣ ଆମ୍ଭେମାନେ ପ୍ରେରିତ ୨ : ୪ ୬ ରେ ପଢ଼ିପାରୁ । ଯାହା କହେ, ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥାକହିବାକୁ ଲାଗିଲେ । ଏହି ସମୟରେ ଆକାଶର ନିମ୍ନସ୍ଥିତ ପ୍ରତ୍ୟେକ ଜାତିରୁ ଆଗତ ହୋଇ ଯିରୂଶାଲମରେ ବାସ କରୁଥିବା ଭକ୍ତ ଯିହୁଦୀମାନେ ସେ ସ୍ଥାନରେ ଥିଲେ, ଆଉ ସେହି ଶବ୍ଦ ହୁଅନ୍ତେ, ବହୁ ଜନତା ଏକତ୍ର ହୋଇ ପ୍ରତ୍ୟେକ ଜଣ ଆପଣା ଆପଣା ଭାଷାରେ ସେମାନଙ୍କୁ କଥା କହୁଥିବା ଶୁଣିବାରୁ ହତବୁଦ୍ଧି ହେଲେ । ସେଦିନ ପ୍ରାୟ ପନ୍ଦର ଭାଷାଭାଷୀ ଯିହୁଦୀ ଯିରୂଶାଲମରେ ଉପସ୍ଥିତ ଥିଲେ ୭-୧୨ ପଦ-ଗୁଡ଼ିକରୁ ପଢ଼ିପାରୁ ।

ପରଭାଷା ( ଅର୍ଥାତ୍ ଅଜଣା ଭାଷା ) ପବିତ୍ରଆତ୍ମାଙ୍କ ଦ୍ୱାରା ଦୁଇଟି ଭାବରେ ଦତ୍ତ ହୋଇଥିଲା । ପ୍ରଥମରେ, ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବେ ବୋଲି ଯୀଶୁଖ୍ରୀଷ୍ଟଙ୍କ ପ୍ରତିଶ୍ରୁତିନୁଯାୟୀ

ପେଣ୍ଟିକଷ୍ଟ ଦିନରେ ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ପରଭାଷାରେ କଥା କହିବାକୁ ସକ୍ଷମ ହୋଇଥିଲେ । (ମାଥିଉ ୩ : ୧୧, ପ୍ରେରିତ ୧, ୪୫ - ୮, ୨ : ୧-୪ ) । ବିଜାତୀୟମାନେ ମଧ୍ୟ ପ୍ରଭୁଙ୍କ ଦୃଷ୍ଟିରେ ଅମୂଲ୍ୟ ଅଟନ୍ତି ଏହା ପ୍ରକାଶ କରିବା ନିମନ୍ତେ କର୍ଣ୍ଣିଲିୟ ଓ ତାହାଙ୍କ ପରିବାର ପବିତ୍ର ଆତ୍ମାଙ୍କ ବରଦାନ ପ୍ରାପ୍ତ ହୋଇ ପରଭାଷାରେ କହିବାକୁ ସକ୍ଷମ ହୋଇଥିଲେ ( ପ୍ରେରିତ ୧୦ : ୪୪-୪୬, ୧୯ : ୧୭-୧୮ ) ।

ବିଶେଷରେ, ହସ୍ତାର୍ପଣ ଦ୍ୱାରା ପବିତ୍ର ଆତ୍ମାଙ୍କ ବରଦାନ ଦତ୍ତ ହୋଇଥିଲା । ବାକ୍ୟ କହେ, ଆଉ ପାଉଲ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ, ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କଲେ, ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଓ ଭାବବାଣୀ ମଧ୍ୟ କହିବାକୁ ଲାଗିଲେ । ( ପ୍ରେରିତ ୧୯ : ୬ ) ଅନ୍ୟାନ୍ୟ ପବିତ୍ର ଆତ୍ମାଙ୍କ ବରଦାନ ସଦୃଶ୍ୟ, ପରଭାଷା ମଧ୍ୟ ପ୍ରଭୁଙ୍କ ଶକ୍ତି ଓ ବାକ୍ୟ ପ୍ରକାଶ କରେ ।

ପବିତ୍ର ଆତ୍ମାଙ୍କ ପରିଚାଳନାରେ ଧାର୍ମିକ ବ୍ୟକ୍ତିମାନଙ୍କ ଦ୍ୱାରା ପବିତ୍ର ଶାସ୍ତ୍ର ଲେଖା ଯାଇଥିଲା । ( ୧ମ ଥେସଲନୀକୀ ୨ : ୧୩ ) ଆଉ ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ, ସେମାନେ ମୋ ନାମରେ ଭୂତ ଛଡ଼ାଇବେ । ନୂତନ ନୂତନ ଭାଷାରେ କଥା କହିବେ ହସ୍ତରେ ସର୍ପ ଧରିବେ । ପୁଣି ପ୍ରାଣନାଶକ କୌଣସିପଦାର୍ଥ ପାନ କଲେ ସେମାନଂକର କ୍ଷତି ହେବନାହିଁ ସେମାନେ ପୀଡ଼ିତମାନଂକ ଉପରେ ହସ୍ତ ଥୋଇଲେ ସେମାନେ ସୁସ୍ଥ ହେବେ । ଏହି ରୂପେ ପ୍ରଭୁ ଯୀଶୁ ସେମାନଙ୍କୁ କଥା କହିବା ପରେ ସ୍ୱର୍ଗରେ ଗୃହୀତ ହୋଇ ଈଶ୍ୱରଂକ ଦକ୍ଷିଣ ପାର୍ଶ୍ୱରେ ବସିଲେ । କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ପ୍ରଚାର କଲେ, ଆଉ ପ୍ରଭୁ ସେମାନଂକର ସହକର୍ମୀ ହୋଇ ଅନୁବର୍ତ୍ତୀ ଚିହ୍ନ ଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣ ସିଦ୍ଧ କଲେ । ( ମାର୍କ ୧୬ : ୧୭-୨୦ ) ।

ପରଭାଷା ଓ ଅନ୍ୟ ଆତ୍ମିକ ଦାନଗୁଡ଼ିକ କେବେ ସମୟ ପର୍ଯ୍ୟନ୍ତ ଅମଳରେ ଥିଲା ? ୧ମ କରନ୍ଥୀ ୧୨ ରୁ ୧ : ୪ ଅଧ୍ୟାୟ ଗୁଡ଼ିକରେ ପ୍ରେରିତ ପାଉଲ ଆତ୍ମିକ ଦାନ ବିଷୟରେ ବିପୁଳ ଭାବେ ବର୍ଣ୍ଣନା କରିଅଛନ୍ତି । ଏହି ଆତ୍ମିକ ଦାନ ଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ପ୍ରମାଣ ସିଦ୍ଧ କରିବା ନିମନ୍ତେ ଦତ୍ତ ହୋଇଥିଲା ବୋଲି ସର୍ବଦା ଆମ୍ଭମାନଙ୍କୁ ମନେ ରଖିବା ଆବଶ୍ୟକ । ୧ମ କରନ୍ଥୀ ୧୩ଶ ଅଧ୍ୟାୟରେ ପ୍ରେରିତ ପାଉଲ ପ୍ରେମ, ସମସ୍ତ ଆତ୍ମିକ ଦାନଠାରୁ ଉତ୍କୃଷ୍ଟତର ପଥ ବୋଲି ଦେଖାଇ ଅଛନ୍ତି । "ପ୍ରେମ କଦାପି ଶେଷ ହୁଏ ନାହିଁ । କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ । ଯଦି ପରଭାଷା ସେହିସବୁ ନିବୃତ୍ତ ହେବ, ଯଦି ଜ୍ଞାନ ଥାଏ, ତାହା ଲୋପ ହେବ । କାରଣ ଆମ୍ଭେମାନେ ଆଂଶିକ ଭାବରେ ଜାଣୁ ଓ ଆଂଶିକ ଭାବେ ଭାବବାଣୀ କହୁ । କିନ୍ତୁ ସିଦ୍ଧ ବିଷୟ ଉପସ୍ଥିତ ହେଲେ ଆଂଶିକ ବିଷୟର ଲୋପ ହେବ । (୧ମ କରନ୍ଥୀ ୧-୩ : ୮-୧୦)

ଏହି ସିଦ୍ଧ ବିଷୟ କ'ଣ ? ଏହାର ଉତ୍ତର ଆମ୍ଭେମାନେ ଯାକୁବ ୧ : ୨୫ ପଦରେ ପାଇ ପାରୁ ଯାହା କହେ, "କିନ୍ତୁ ଯେ ସିଦ୍ଧ ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତାମାନ ନ ହୋଇ ବରଂ କାର୍ଯ୍ୟକାରୀ ହୁଏ । ସେ ଆପଣା କାର୍ଯ୍ୟରେ ଧନ୍ୟ ।" ନୂତନ ନିୟମରେ ଲିଖିତ ସତ୍ୟବାକ୍ୟହିଁ ସିଦ୍ଧ ଓ ସ୍ୱାଧୀନତାର ବ୍ୟବସ୍ଥା ଅଟେ । ନୂତନ ନିୟମର ଲେଖନ ସଂପୂର୍ଣ୍ଣ ହୋଇ ସପ୍ରମାଣିତ ହେବା ପରେ, ଆତ୍ମିକ ଆଶ୍ଚର୍ଯ୍ୟ ଦାନଗୁଡ଼ିକର ଉଦ୍ଦେଶ୍ୟ ସଫଳ ହୋଇଥିବାରୁ ସେଗୁଡ଼ିକ ଲୁପ୍ତ ହୋଇଅଛି ।

ଆଜି ମନୁଷ୍ୟ ଅଜଣା ଭାଷା ପବିତ୍ର ଆତ୍ମାଙ୍କ ଦ୍ୱାରା କି କହିପାରେ ? ପ୍ରଥମ ଶତାବ୍ଦୀରେ ତାହା ସାଧ୍ୟଥିଲା । କିନ୍ତୁ ସ୍ୱାଧୀନତାର ବ୍ୟବସ୍ଥାର ଲେଖନ ସଂପୂର୍ଣ୍ଣ ହେବା ପରେ କେବଳ ଏହା ଆମ୍ଭମାନଙ୍କୁ ପଥ ଦର୍ଶକ ଅଟେ ଏବଂ ଆତ୍ମିକ ଦାନ ଲୁପ୍ତ କରାଯାଇଅଛି ।

ଅନେକ ଉତ୍ତମ, ଧାର୍ମିକ ବିଶ୍ୱାସୀମାନେ ଆଜ ପରଭାଷାରେ କଥା କହି ପାରନ୍ତି ବୋଲି ବିଶ୍ୱାସ କରନ୍ତି । ଏହା ପବିତ୍ର ଆତ୍ମାଙ୍କ ଦାନ ବୋଲି ସେମାନେ ସ୍ୱୀକାର କରନ୍ତି । କିନ୍ତୁ ସତ୍ୟବାକ୍ୟ ବିଶ୍ଳେ-ଷଣ କଲେ, ସେମାନେ ପଥଭ୍ରଷ୍ଟ ଓ ଭାବନା, ଉତ୍ତେଜନାର ବଶୀ-ଭୂତ ବୋଲି ଜାଣିପାରୁ ।

ଆସ ଆମ୍ଭେମାନେ ଆପଣା ୨ ଭାବନା ଓ ଉତ୍ତେଜନା ଦ୍ୱାରା ପ୍ରବଞ୍ଚିତ ନ ହୋଇ ପ୍ରଭୁଙ୍କ ବାକ୍ୟର ବିପରୀତ ଭାବ ଦୃଢ଼ କରୁଥିବା ଅସତ୍ୟ ଶିକ୍ଷକମାନଙ୍କଠାରୁ ଆପଣା ୨ କୁ ପୃଥକ ରଖୁଁ । ଆଧୁନିକ ମନୁଷ୍ୟର ଆତ୍ମିକ ଆଶ୍ଚର୍ଯ୍ୟ ଦାନଗୁଡ଼ିକର ପ୍ରୟୋଜନ ନାହିଁ । କାରଣ ସତ୍ୟ, ସିଦ୍ଧ, ସଂପୂର୍ଣ୍ଣ ସ୍ୱାଧୀନତାର ବ୍ୟବସ୍ଥା ଆମ୍ଭ-ମାନଙ୍କ ହସ୍ତରେ ଅଛି । ଏହା ଆମ୍ଭମାନଙ୍କ ସମସ୍ତ ସତ୍ୟରେ କଢ଼ାଇ ନେବାକୁ ସକ୍ଷମ । ଏଥିରେ ଲିଖିତ, ଅମର, ଅକ୍ଷୟ, ଅମୂଲ୍ୟ ବାକ୍ୟ ପ୍ରକୃତ ଖ୍ରୀଷ୍ଟିୟାନ ଜୀବନ ଯାପନ କରିବାରେ ଓ ସ୍ୱର୍ଗ ଆମ୍ଭମାନଙ୍କ ନିତ୍ୟ ନିବାସ କରିବାରେ ସାହାଯ୍ୟ କରିବ ।

—Rod Rutherford

# ଆମ୍ଭେମାନେ କିପରି ପାପକରୁ ।
## ( How We Sin )

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁଭୋଗ କରିବା ପୂର୍ବରୁ ତାହାଙ୍କ ସ୍ୱର୍ଗାରୋହଣ ପରେ ସେ ସତ୍ୟମୟ ସାହାଯ୍ୟକାରୀ ପବିତ୍ର ଆତ୍ମାଙ୍କୁ ଏହି ଜଗତକୁ ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ସେହି ଆତ୍ମା ଏହି ଜଗତକୁ ପାପ ବିଷୟରେ ପ୍ରମାଣଦେବେ । (ଯୋହନ ୧୬:୭-୧୧)। ପାପୀ ମନୁଷ୍ୟ ପାପ ତଥା ତାହାର ଫଳାଫଳ ବିଷୟରେ ଅଜ୍ଞାତ । ପାପର ଫଳାଫଳର ଅଜ୍ଞାତ ମନୁଷ୍ୟ ପାପକରି ଚାଲିଥାଏ । ସେଥିରୁ ମୁକ୍ତ ହେବା ନିମନ୍ତେ ମନୁଷ୍ୟଙ୍କୁ ପାପ କଅଣ ଜାଣିବା ଆବଶ୍ୟକ ।

ପ୍ରେମମୟ ପରମପିତାଙ୍କ ଅନାଜ୍ଞାବହ ହେବା ହିଁ ପାପ କରିବା କାରଣ ବାକ୍ୟ କହେ, "ବ୍ୟବସ୍ଥା ଲଙ୍ଘନ ହିଁ ପାପ" ପାପର ଗ୍ରୀକ୍ ପଦ "**Amartia**" ଯାହାର ଅର୍ଥ "ଲକ୍ଷ୍ୟ ଚ୍ୟୁତ" ହେବା । ପରମେଶ୍ୱରଙ୍କ ଇଚ୍ଛା ପାଳନ ନ କରିବା ଦ୍ୱାରା ଆମ୍ଭେମାନେ ଲକ୍ଷ୍ୟ-ଚ୍ୟୁତ ହେଉଁ ।

ପାପର ଭୟଙ୍କର ଫଳାଫଳ ଏହି ମନୁଷ୍ୟ ଜଗତ ବୁଝିବା ନିତାନ୍ତ ଆବଶ୍ୟକ । ପରମେଶ୍ୱର ପାପୀକୁ ପ୍ରେମ ଓ ପାପକୁ ଘୃଣା କରନ୍ତି ଧର୍ମମୟ ପରମେଶ୍ୱରଙ୍କ ଶାସନରେ ପ୍ରତ୍ୟେକ ପାପୀ ଶାସ୍ତି ଭୋଗ । ପାପ ବିନାଶ ଆଣେ । ବାକ୍ୟ କହେ "ପାପର ବେତନ ମୃତ୍ୟୁ" (ରୋମୀୟ ୬ : ୨୩) । ଆମ୍ଭମାନଙ୍କ କୃତ ପାପ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପିତା ପରମେଶ୍ୱରଙ୍କ ଠାରୁ ବିଚ୍ଛେଦ କରେ । ସମସ୍ତ ଅନର୍ଥକର ମୂଳକାରଣ ପାପ । ଏଦନ ଉଦ୍ୟାନରୁ ଆରମ୍ଭ କରି, ପାପରଭୟଙ୍କର ପ୍ରଭାବ ବର୍ତ୍ତମାନ ପର୍ଯ୍ୟନ୍ତ ମନୁଷ୍ୟ ସମାଜକୁ ଜାବୁଡ଼ି ଧରି ଅଛି ।

ତୃତୀୟ, ଆମେ କପରି ଆଜ୍ଞା ଲଙ୍ଘନ କରୁ ତାହା ଆବଶ୍ୟକ । ଅନ୍ତତଃ ଚାରୋଟି ଭାବରେ ଆମ୍ଭେମାନେ ଆଜ୍ଞାଲଙ୍ଘୀ ଲକ୍ଷ୍ୟଚ୍ୟୁତ ହୋଇ ଥାଉଁ ।

(୧) ଆମ୍ଭେମାନଙ୍କର ଅନ୍ତରର ମନୋଭାବନାରେ ଆମ୍ଭେମାନେ ପାପକରୁ । ତ୍ରାଣକର୍ତ୍ତା ପ୍ରଭୁଯୀଶୁ ମାଥିଉ ୫ : ୨୮ ପଦରେ ଏହିଭାବ ସୁସ୍ପଷ୍ଟ କରନ୍ତି । " ... ଯେ କେହି କୌଣସି ସ୍ତ୍ରୀପ୍ରତି କାମଭାବରେ ଦୃଷ୍ଟିପାତକରେ, ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି ।" ଆଦି ୬ : ୫ ପଦଗୁଡ଼ିକରେ ପରମେଶ୍ୱର କହନ୍ତି " ... ପୃଥିବୀରେ ମନୁଷ୍ୟର ଦୁଷ୍ଟତା ଅତିବଡ଼, ଆଉ ତାହାର ଅନ୍ତଃକାରଣର ଭାବନାର ପ୍ରତ୍ୟେକ କଳ୍ପନା ଅବିରତ ମନ୍ଦମାତ୍ର ।" ମାଥିଉ ୧୫ : ୧୮-୧୯ରେ ପ୍ରଭୁ କହନ୍ତି "କିନ୍ତୁ ମୁଖରୁ ଯାହାସବୁ ନିର୍ଗତ ହୁଏ, ତାହା ହୃଦୟରୁ ବାହାରେ ଓ ତାହା ହିଁ ମନୁଷ୍ୟକୁ ଅଶୁଚି କରେ । କାରଣ ହୃଦୟରୁ କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ବେଶ୍ୟାଗମନ, ଚୌର୍ଯ୍ୟ, ମିଥ୍ୟା-ସାକ୍ଷ୍ୟ ଓ ନିନ୍ଦା ବାହାରେ ।"

(୨) ଆମ୍ଭମାନଙ୍କ ମୁଖରୁ ନିର୍ଗତ ବାକ୍ୟ ଦ୍ୱାରା ଆମ୍ଭେମାନେ ପାପ କରୁ । ଏହି ବିଷୟରେ ଯାକୁବଙ୍କ ପତ୍ର ତୃତୀୟ ଅଧ୍ୟାୟ ପ୍ରଥମ ବାର ପଦଗୁଡ଼ିକରେ ପଢ଼ିପାରୁ " ହେ ମୋହର ଭାଇମାନେ, ତୁମ୍ଭେମାନେ ଅନେକେ ଶିକ୍ଷକ ହୁଅନ ହିଁ, ଶିକ୍ଷକ ଯେ ଆମ୍ଭେମାନେ, ଆମ୍ଭେମାନେ ଯେ ଗୁରୁତର ଦଣ୍ଡ ପାଇବା ଏହା ଜାଣ । ଯେଣୁ ଆମ୍ଭେ-ମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡ଼ୁ । ଯଦି କେହି ବାକ୍ୟରେ ଝୁଣ୍ଟି ନପଡ଼େ, ତେବେ ସେ ସିଦ୍ଧ ପୁରୁଷ ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ । ଆମ୍ଭେମାନେ ଘୋଡ଼ାମାନଙ୍କୁ ବଶୀ-ଭୂତ କରିବା ନିମନ୍ତେ ସେମାନଙ୍କ ମୁଖରେ ଲଗାମ ଦେଲେ ତଦ୍ଦ୍ୱାରା ସେମାନଙ୍କ ସମସ୍ତ ଶରୀର ମଧ୍ୟ ବୁଲାଉଥାଉ । ଦେଖ, ଜାହାଜ ମଧ୍ୟ ଏତେ ବଡ଼ ହୋଇ ପ୍ରଚଣ୍ଡ ପବନରେ ଚାଳିତ ହେଲେ ଗୋଟିଏ ଅତି-କ୍ଷୁଦ୍ର ମଙ୍ଗଦ୍ୱାରା ମଙ୍ଗଧରାର ଇଚ୍ଛାନୁସାରେ ବୁଲାଇ ଦିଆଯାଏ । ସେହି